# ସାମାଜିକ ନିରାପତ୍ତା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର କମିଶନର ତଥା ସଚିବଙ୍କ ଅନୁଗୋଳ ଗସ୍ତ – ଅନୁଗୋଳ ଜିଲ୍ଲାରେ ଶୁଭାରମ୍ଭ ହେଲା 'ମୋ ସରକାରର ନିୟମାବଳୀ', ଅନଲାଇନ୍‌ରେ ଭିନ୍ନକ୍ଷମ ପରିଚୟ ପତ୍ର ପ୍ରଦାନ ଓ ଡି ବି ଟି ବ୍ୟବସ୍ଥା ।

ଅନୁଗୋଳ,ତା.୦୯.୦୧.:- ରାଜ୍ୟ ସାମାଜିକ ନିରାପତ୍ତା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର କମିଶନର ତଥା ସଚିବ ଶ୍ରୀ ଭାସ୍କର ଜ୍ୟୋତି ଶର୍ମା ଆଜି ଅନୁଗୋଳ ଜିଲ୍ଲାକୁ ଏକ ୨ ଦିନିଆ ଗସ୍ତରେ ଆସି ବିଭାଗୀୟ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିବା ସହ ଜିଲ୍ଲାରେ 'ମୋ ସରକାର', ଅନଲାଇନ୍‌ରେ ଭିନ୍ନକ୍ଷମ ପରିଚୟ ପତ୍ର ପ୍ରଦାନ ଓ ଡି ବି ଟି ବ୍ୟବସ୍ଥା ର ଶୁଭାରମ୍ଭ କରିଛନ୍ତି । ଅନୁଗୋଳ ଜିଲ୍ଲାରେ ଏହି ବ୍ୟବସ୍ଥାକୁ ପାଇଲଟ ପ୍ରକଳ୍ପ ଭାବେ କରାଯାଉଛି ବୋଲି କମିଶନର ପ୍ରକାଶ କରିଥିଲେ । ଆଜି ପୂର୍ବାହ୍ନରେ କମିଶନର ଜିଲ୍ଲା କାର୍ଯ୍ୟାଳୟର ସମ୍ମିଳନୀ ଗୃହରେ ଆୟୋଜିତ ସମୀକ୍ଷା ବୈଠକରେ ଯୋଗ ଦେଇ ବାର୍ଦ୍ଧକ୍ୟ,ବିଧବା ଓ ଭିନ୍ନକ୍ଷମ ଭତ୍ତା ପ୍ରଦାନ ସମ୍ପର୍କରେ ସମୀକ୍ଷା କରିଥିଲେ । ଏଣିକି ହିତାଧିକାରୀମାନଂକର ସହାୟତା ରାଶି (ଡି ବି ଟି) ସିଧାସଳଖ ସେମାନଂକ ବ୍ୟାଂକ ଆକାଉଣ୍ଟକୁ ଯିବ । ମୋବାଇଲ୍ ଆପ୍ ମାଧ୍ୟମରେ ଭିନ୍ନକ୍ଷମମାନଂକୁ ସେମାନଂକ ପରିଚୟ ପତ୍ର ମଧ୍ୟ ପ୍ରଦାନ କରାଯିବ । ଜାତୀୟ ପରିବାର ମଂଗଳ ଯୋଜନାରେ ହିତାଧିକାରୀମାନଂକ ବ୍ୟାଂକ ଖାତାକୁ ସିଧାସଳଖ ଅର୍ଥ ରାଶି ପ୍ରଦାନ କରାଯିବ ବୋଲି କମିଶନର ପ୍ରକାଶ କରିଥିଲେ । ଏହି କାର୍ଯ୍ୟକୁ ନିଷ୍ଠା ଓ ଦାୟିତ୍ୱର ସହ କରିବାକୁ କମିଶନର ବିଭାଗୀୟ କର୍ମକର୍ତ୍ତାଂକୁ ପରାମର୍ଶ ଦେଇଛନ୍ତି । ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ସମସ୍ତଂକୁ ସ୍ୱାଗତ ଜଣାଇବା ସହ ବିଭାଗୀୟ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ କମିଶନରଂକୁ ଅବଗତ କରିଥିଲେ । ବୈଠକରେ ଉପସ୍ଥିତ ବିଭାଗୀୟ ନିର୍ଦ୍ଦେଶିକା ବ୍ରତତ୍ରୀ ହରିଚନ୍ଦନ ମୋ ସରକାରରେ ବିଭିନ୍ନ ଯୋଜନାର ହିତାଧିକାରୀମାନଂକୁ ଯୋଗାଇ ଦିଆଯାଉଥିବା ସେବା ପାଇଁ ଶୁଭାରମ୍ଭ ହୋଇଥିବା ମୋବାଇଲ ଆପ୍‌ର କାର୍ଯ୍ୟକାରିତା ସମ୍ପର୍କରେ ଆଲୋକପାତ କରିଥିଲେ । ବ୍ଲକ୍,ପୌରାଂଚଳ ଓ ଜିଲ୍ଲା ସ୍ତରରେ ପରିଦର୍ଶକ ରେଜିଷ୍ଟାରରେ ୨୧ଟା ପଏଣ୍ଟରେ ହିତାଧିକାରୀଂକର ମୋବାଇଲ ନମ୍ବର ସହ ବିସ୍ତୃତ ତଥ୍ୟ ରହିବ । ହିତାଧିକାରୀର ଅଭିଯୋଗ ପଞ୍ଜିକରଣ ହେଲେ ତାର ମୋବାଇଲରେ ଏହା ପ୍ରଦର୍ଶିତ ହେବ ଏବଂ ଉପରିସ୍ଥ ଅଧିକାରୀ ସମ୍ପୃକ୍ତ ବ୍ୟକ୍ତି କଣ ଚାହୁଁଛନ୍ତି, କିପରି ସେବା ଓ ବ୍ୟବହାର ପାଉଛନ୍ତି ତାହା ଜଣିପାରିବେ । ମୋ ସରକାର କାର୍ଯ୍ୟକ୍ରମରେ କାର୍ଯ୍ୟାଳୟକୁ ଆସୁଥିବା ହିତାଧିକାରୀ ଯେପରି ଉତ୍ତମ ବ୍ୟବହାର ଓ ସେବା ପାଇ

ପାରିବେ ସେଥିପାଇଁ ସମସ୍ତେ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ । ଭତ୍ତା ପାଉଥିବା ହିତାଧିକାରୀମାନଂକ ଆଧାର କାର୍ଡକୁ ସଂଯୋଗ କରାଯାଇ ଏହାକୁ କଡା କଡି ଭାବେ ସମୀକ୍ଷା କରି ପ୍ରକୃତ ହିତାଧିକରୀ ଚିହ୍ନଟ କରିବାକୁ କମିଶନର ପରାମର୍ଶ ଦେଇଛନ୍ତି । ବିଭିନ୍ନ ବ୍ଲକ୍ ଓ ପୌରାଂଚଳରେ ଜଣେ ହିତାଧିକାରୀର ନାମ ୨ ଟି ସ୍ଥାନରେ ରହିଥିବାରୁ ଏହାକୁ ଯାଂଚ କରି ଯୋଗ୍ୟ ହିତାଧିକାରୀଂକୁ ଭତ୍ତା ପ୍ରଦାନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଯଦି କୌଣସି ହିତାଧିକାରୀର ଆଧାର ସଂଯୋଗ ନ ହୋଇ ସେ ଭତ୍ତା ପାଇବାରୁ ବଂଚିତ ହେଲେ ତେବେ ସମ୍ପୃକ୍ତ ଅଧିକାରୀଂକ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ଦ୍ଦେଶିକା ଚେତାବନୀ ଦେଇଥିଲେ । ଚଳିତ ମାସ ୧୫ ତାରିଖ ସୁଦ୍ଧା ଏହି ସମସ୍ତ କାର୍ଯ୍ୟକୁ ସାରିବାକୁ ସେ ପରାମର୍ଶ ଦେଇଛନ୍ତି । ପୁରୀ ଓ ଭୁବନେଶ୍ୱର ପରେ ଅନୁଗୋଳ ଜିଲ୍ଲାରେ କାର୍ଯ୍ୟକାରୀ ହେବ ଭିକାରୀ ଆଶ୍ରୟ ଗୃହ । ଏହି ଗୃହରେ ଜିଲ୍ଲାରେ ଭିକାରୀ ଥାନ୍ତି ସେମାନଂକୁ ଚିହ୍ନଟ କରି ମାଗଣାରେ ରହିବା ଓ ଖାଇବାର ବ୍ୟବସ୍ଥା କରାଯିବ ବୋଲି ସେ ପ୍ରକାଶ କରିଥିଲେ । ଏଣିକି ପ୍ରତ୍ୟେକ ଦିନ ମେଡିକାଲ ବୋର୍ଡ ବସି ଭିନ୍ନକ୍ଷମମାନଂକୁ ଚିହ୍ନଟ କରିବ । ପ୍ରକାଶଥାଉକି ପୂର୍ବରୁ ଏହା ମାସକୁ ୪ ଥର ଅନୁଷ୍ଠିତ ହେଉଥିଲା । ଏହି ବୈଠକରେ ରାଜ୍ୟ ସାମାଜିକ ନିରାପତ୍ତା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର କର୍ମକର୍ତ୍ତା ମାନେ ଶୁଭାରମ୍ଭ ହୋଇଥିବା ଉପରୋକ୍ତ ୩ଟି କାର୍ଯ୍ୟକ୍ରମର କାର୍ଯ୍ୟକାରିତାକୁ ନେଇ ପାୱାର ପଏଣ୍ଟ ଉପସ୍ଥାପନ କରିଥିଲେ । ଏହି ବୈଠକରେ ଅନ୍ୟମାନଂକ ମଧ୍ୟରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ମାଧବ ଚନ୍ଦ୍ର ବରାଡ ଙ୍କ ସମେତ ଉପଖଣ୍ଡ ଓ ବ୍ଲକ୍ ସ୍ତରୀୟ ସାମାଜିକ ସୁରକ୍ଷା ଅଧିକାରୀମାନେ ଯୋଗ ଦେଇଥିଲେ ।



